# ଏସ୍‌ଟେଲ୍ ପକ୍ଷରୁ ଓଡ଼ିଶା ରେ ପ୍ରଥମ ବାର୍ଷିକ ସମାରୋହ ପାଳନ

ଭୁବନେଶ୍ୱର,୨୪ ଡିସେମ୍ବର, ଏସ୍ ଟେଲ୍ "ଏସ୍ ଟେଲ୍ ଆପଣଙ୍କ ନିଜ ଫୋନ୍" ଓଡ଼ିଶାରେ ସଫଳତାର ସହ ୧ ବର୍ଷ ପୂରଣ କରିପାରିଛି । ଏସ୍ ଟେଲ୍ , ଓଡ଼ିଶାର ଜନସଂଖ୍ୟା ମଧ୍ୟରୁ ୨୦ ପ୍ରତିଶତରୁ ଅଧିକ ଜନ ସାଧାରଣଙ୍କୁ ନିଜ ଗ୍ରାହକ ରୂପେ ପ୍ରାପ୍ତ କରିଛି ୫ ଲକ୍ଷ ରୁ ଅଧିକ ଗ୍ରାହକ ଙ୍କ ପର୍ଯ୍ୟନ୍ତ ନିଜ ସେବା ପହଞ୍ଚାଇ ପାରିଛି ।

ଏସ୍ ଟେଲ୍ ପକ୍ଷରୁ ବର୍ତ୍ତମାନ ପ୍ରଥମ କୁପନ୍ ରିଚାର୍ଜ (FRC) ର କ୍ରୟ ଉପରେ ମାଗଣା ଲୋକାଲ୍ କଲ୍ ର ଅଫର୍ ପ୍ରଦାନ କରିବାର ଯୋଜନା ପ୍ରସ୍ତୁତ କରାଯାଇଛି ଯେଉଁଥିରେ ମାସିକ ଓ ବାର୍ଷିକ ଯୋଜନା ହିସାବରେ ନିମ୍ନ ସ୍ତରୀୟ, ମଧ୍ୟ ସ୍ତରୀୟ ଓ ଉଚ୍ଚ ସ୍ତରୀୟ ବ୍ୟବହାରକାରୀ ମାନେ ମାଗଣା ଲୋକାଲ୍ କଲ୍ ପ୍ରାପ୍ତ ହୋଇପାରିବେ । ଓଡ଼ିଶାରେ ଉପଭୋକ୍ତାମାନଙ୍କ ଆବଶ୍ୟକତାକୁ ଲକ୍ଷ୍ୟରେ ରଖି ବର୍ତ୍ତମାନ FRC (First recharge coupon) ଭଳି ଗୋଟିଏ ଅଫର୍ ଦ୍ୱାରା ୯ଟି ସୁବିଧା ପ୍ରଦାନ କରାଯାଇଛି ।

ଅତି କମ୍ ସମୟ ମଧ୍ୟରେ ଏସ୍ ଟେଲ୍ ଓଡ଼ିଶା ରେ ୫୧ଟି ସହର ଓ ଅନେକ ପ୍ରମୁଖ ନଗର ଯଥା- ଅନୁଗୁଳ,ବାଲେଶ୍ୱର,ଭୁବନେଶ୍ୱର,କଟକ,ବଲାଙ୍ଗୀର,ବରଗଡ଼ ଓ ଝାରସୁଗୁଡ଼ା ସମେତ ୪ହଜାର ୨୬ ଟି ଗାଁରେ ମଧ୍ୟ ନିଜ ସେବାକୁ ପହଞ୍ଚାଇପାରିଛି ।

ଏହି ଅବସରରେ ଏସ୍ ଟେଲ୍ ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଶମିକ୍ ଦାଶ କହିଛନ୍ତି ଯେ ଏସ୍ ଟେଲ୍ ର ମୂଳତତ୍ତ୍ୱ ଅନୁଯାୟୀ ଗ୍ରାହକଙ୍କୁ ବ୍ୟବସାୟର କେନ୍ଦ୍ରରେ ସ୍ଥାନ ଦିଆଯାଇଛି । ଏହି ମୂଳତତ୍ତ୍ୱ କୁ ଦୃଷ୍ଟିରେ ରଖି ଏସ୍ ଟେଲ୍ ପକ୍ଷରୁ ଗ୍ରାହକ ମାନଙ୍କର ଆବଶ୍ୟକତା ଓ ଇଚ୍ଛା ଅନୁସାରେ ସେବା ପ୍ରଦାନ କରିବା ଉଦ୍ଦେଶ୍ୟରେ ଡିସେମ୍ବର ୨୦୦୯ ରେ ଏସ୍ ଟେଲ୍ ର ଶୁଭାରମ୍ଭ ସମୟରେ ମାଗଣା ମିନିଟ୍ ର ଅଫର୍ ପ୍ରଦାନ କରାଯାଇଥିଲା । ଏହିପରି ଭାବେ ଓଡ଼ିଶାର ଗ୍ରାହକ ମାନଙ୍କ ପାଇଁ ଏସ୍ ଟେଲ୍ ମାଗଣା ମିନିଟ୍ ଠାରୁ ଆରମ୍ଭ କରି ଅଦ୍ୟାବଧି "ଟକ୍ ଟୁ ଡେ, ଫ୍ରୀ ଟୁମରୋ" ଏବଂ "ବୋନସ୍ ପ୍ଲସ୍" ଭଳି ଅନେକ ଅଭିନବ ଅଫର୍ ମାନ ପ୍ରଦାନ କରିଆସୁଅଛି ।

ଆଜି ଏହି ୧ବର୍ଷ ପୂରଣ ଅବସରରେ ଏସ୍ ଟେଲ୍ ପକ୍ଷରୁ ଗ୍ରାହକ ମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି ଏବଂ ନିଜ ପ୍ରଥମ ବାର୍ଷିକୀ ଉତ୍ସବ ଅବସରରେ ଦୀର୍ଘ ସମୟର ବୈଧତା ସହ ବାର୍ଷିକ ଅଫର୍ "ବନ୍ଧନ ପ୍ଲାନ୍" ଭଳି ଏକ ସ୍ୱତନ୍ତ୍ର ଟାରିଫ୍ ଭାଉଚର୍ ପ୍ରସ୍ତୁତ କରାଯାଇଛି ଯାହା ମାଧ୍ୟମରେ ଗ୍ରାହକମାନେ ସଦାସର୍ବଦା ପାଇଁ ନିଜ ପ୍ରୀୟଜନ ମାନଙ୍କ ସମ୍ପର୍କରେ ରହିପାରିବେ ।

ଏହି ଉତ୍ସବ ଅବସରକୁ ଆହୁରି ରୋମାଞ୍ଚପୂର୍ଣ୍ଣ କରିବା ପାଇଁ ବିଭିନ୍ନ ପ୍ରକାରର ରୋମାଞ୍ଚପୂର୍ଣ୍ଣ ଅଫର୍ ମାନ ବଜାରରେ ପ୍ରବେଶ କରାଯାଇଛି ଯଥା- ଏସ୍ ଟି ଭି ୧୬, ଏସ୍ ଟିଭି ୧୭, ଏମ୍ ଟି ଭି ୧୧୫, ଏମ୍ ଟି ଭି ୭୫ । ଗ୍ରାହକମାନେ ୧ବର୍ଷର ଗୋଟିଏ କୁପନ୍ ରିଚାର୍ଜ ସହ ଆହୁରି ମଧ୍ୟ ଅନେକ ଗୁଡ଼ିଏ ସୁବିଧା ପ୍ରାପ୍ତ କରିପାରିବେ ।

ଏସ୍ ଟେଲ୍ ଏକ ନିର୍ଦ୍ଧାରିତ ଦୂରସଞ୍ଚାର ଖେଳାଳୀ ଏବଂ ନୂତନ ଦୂରସଞ୍ଚାର ଅପରେଟର୍ ମାନଙ୍କ ମଧ୍ୟରେ କେବଳ ଏକମାତ୍ର ଏସ୍ ଟେଲ୍ ସଫଳତାର ସହ ସ୍ପେକ୍ଟ୍ରମ୍ ଉପଲବ୍ଧ ହୋଇଥିବା ସମସ୍ତ ଲାଇସେନ୍ସ ପ୍ରାପ୍ତ ସ୍ଥାନ ମାନଙ୍କରେ ଦୂରସଞ୍ଚାର ସେବାର ଶୁଭାରମ୍ଭ କରିପାରିଛି । ଏସ୍ ଟେଲ. ଓଡ଼ିଶାର ସିଓଓ ଶ୍ରୀ ବଲ୍ୱିନ୍ଦର୍ ଚାୱଲା କୁହନ୍ତି ଯେ ଏସ୍ ଟେଲ୍ ର ସଫଳତା ର ଶ୍ରେୟ ଓଡ଼ିଶାର ୧ଲକ୍ଷ୍ୟରୁ ଅଧିକ ଗ୍ରାହକଙ୍କୁ ଦିଆଯିବା ଉଚିତ୍, ଯେଉଁମାନେ ଏସ୍ଟେଲ୍ ପ୍ରତି ନିଜର ବିଶ୍ୱାସ ପ୍ରଦର୍ଶନ କରିଛନ୍ତି ଏବଂ ସେ ରାଜ୍ୟର ଲୋକମାନଙ୍କ ପ୍ରତି ଆଭାର ବ୍ୟକ୍ତ କରିଛନ୍ତି ଯେଉଁମାନେ କି ଉତ୍ସାହର ସହ ଏସ୍ ଟେଲ୍ ର ବ୍ରାଣ୍ଡ ଫିଲୋସଫୀ " ସଭ୍ୟ ହୋଇଥିବା ହେତୁ ଗର୍ବିତ" ଉପରେ ବିଗତ ୧ବର୍ଷରୁ ଅଧିକ ସମୟ ବିଶ୍ୱାସ କରିଛନ୍ତି । ଏହିଭଳି ଆଗାମୀ ଦିନ ମାନଙ୍କରେ ମଧ୍ୟ ଅଭିନବ ଉତ୍ପାଦ ଏବଂ ସେବା ଗୁଡ଼ିକୁ ଗ୍ରାହକ ମାନଙ୍କ ଆବଶ୍ୟକତା ଓ ଆଗ୍ରହ ଅନୁଯାୟୀ ଓଡ଼ିଶା ବଜାରରେ ପ୍ରବେଶ କରାଯିବ ।

ସିମ୍ ପ୍ରତିସ୍ଥାପନ, ବାଲାନ୍ସ ହସ୍ତାନ୍ତରଣ, ଚାନେଲ୍ ଭାଗିଦାରୀ ଭଳି ସୁବିଧା ଗୁଡ଼ିକ "ଆଇ କେୟାର୍" କେନ୍ଦ୍ର ମାଧ୍ୟମରେ କାର୍ଯ୍ୟକାରୀ ହେଉଛି । ଏସ୍ ଟେଲ୍ ସଦାସର୍ବଦା ଉପଭୋକ୍ତା କେନ୍ଦ୍ରିତ ସେବା ପ୍ରଦାନ ସୁବିଧାକୁ ବଜାୟ ରଖିବାକୁ ଚେଷ୍ଟା କରିଆସିଛି । କିଛିଦିନ ପୂର୍ବେ "ଏସ୍ ଟେଲ୍ ଆଡ୍ଡା" WAP ଓ "ଏସ୍ ଟେଲ୍ ଇ-ଲାଇଫ୍"-ଜିପିଆର୍ଏସ୍ ସେବାର ଶୁଭାରମ୍ଭ କରାଯାଇଛି । ଯାହାଦ୍ୱାରା ଓଡ଼ିଶାର ଗ୍ରାହକ ମାନେ ଅତ୍ୟାଧୁନିକ ଖବର ଓ ମନୋରଞ୍ଜନ ପ୍ରାପ୍ତ କରିପାରୁଛନ୍ତି ।

**ବିଶେଷ ଅଫର୍-**

| | |
|---|---|
| ଏସ୍ ଟି ଭି ୨୩ | ନେଟ୍ ଲୋକାଲ୍ କଲ୍ ମୂଲ୍ୟ ୧ପ/୩ ସେକେଣ୍ଡ, ୩୬୫ ଦିନର ବୈଧତା |
| ଏସ୍ ଟି ଭି ୧୬ | ସମସ୍ତ ଲୋକାଲ୍ କଲ୍ ୧ପ/ ୨ ସେକେଣ୍ଡ, ୩୬୫ ଦିନର ବୈଧତା |
| ଏସ୍ ଟି ଭି ୧୭ | ସମସ୍ତ ଲୋକାଲ୍ କଲ୍ ୩୦ପ/ମିନିଟ୍, ୩୬୫ ଦିନର ବୈଧତା |
| ଏମ୍ ଟି ଭି ୧୧୫ | ୧୩୫ ଟଙ୍କାର ଟକ୍ ଟାଇମ୍, ୩୦ ଦିନର ବୈଧତା |
| ଏମ୍ ଟି ଭି ୭୫ | ୯୦ ଟଙ୍କାର ଟକ୍ ଟାଇମ୍, ୧୫ଦିନର ବୈଧତା |

**ଏସ୍ ଟେଲ୍ ସମ୍ବନ୍ଧରେ-**

ଶିବା ଗ୍ରୁପ୍ ଏବଂ ବାହାରିନ୍ ଟେଲିକମ୍ୟୁନିକସନ୍ ର ମିଳିତ ଉଦ୍ୟମରେ ଗଢି ଉଠିଥିବା ମୋବାଇଲ୍ ଜି ଏସ୍ ଏମ୍ ସେବା ପ୍ରଦାନକାରୀ କମ୍ପାନୀ ଏସ୍ ଟେଲ୍ ପ୍ରାଇଭେଟ୍ ଲିମିଟେଡ୍ ଡିସେମ୍ବର ୨୦୦୯ ରେ ଓଡ଼ିଶାରେ ନିଜର ଟେଲିକମ୍ ସେବା ର ଶୁଭାରମ୍ଭ କରିଥିଲା ।

ଏସ୍ ଟେଲ୍ ର ମୂଖ୍ୟ କାର୍ଯ୍ୟାଳୟ ଦିଲ୍ଲୀରେ ଅବସ୍ଥିତ ଓ ଏହା ୟୁନିଫାଏଡ୍ ଆକ୍ସେସ୍ ସର୍ଭିସେସ୍ ଲାଇସେନ୍ସ ପ୍ରାପ୍ତ କମ୍ପାନୀ ଅଟେ । ଏହାଦ୍ୱାରା କମ୍ପାନୀ ସମଗ୍ର ଭାରତରେ ଓଡ଼ିଶା ସମେତ ହିମାଚଳ ପ୍ରଦେଶ,ବିହାର,ଜାମ୍ମୁ-କାଶ୍ମୀର, ଉତ୍ତର-ପୂର୍ବ ରାଜ୍ୟ ଏବଂ ଆସାମ୍ ଆଦି ୬ଟି ସର୍କଲ୍ ରେ ଟେଲିକମ୍ ସେବା ପ୍ରଦାନ କରିବା ପାଇଁ ଅନୁମୋଦନ ହାସଲ କରିଛି । ଏସ୍ ଟେଲ୍ ଭାରତରେ ସଦ୍ୟ ପ୍ରବେଶ କରିଥିବା ଟେଲିକମ୍ କମ୍ପାନୀ ହୋଇଥିଲେ ହେଁ ନିକଟରେ ଅନୁଷ୍ଠିତ ହୋଇଥିବା ୩ଜି ନିଲାମ୍ ସମୟରେ ଏହା ୩ଜି ସେବା ପ୍ରଦାନ ପାଇଁ ଲାଇସେନ୍ସ ପ୍ରାପ୍ତ କରିଛି ଏବଂ ଏଥି ନମନ୍ତେ ୭୦୦ କୋଟି ଟଙ୍କା ନିବେଶ କରିବାର ଯୋଜନାମଧ୍ୟ ରଖିଛି ।

ଏହା ୩ ବିଲିୟନ୍ ଡଲାର୍ ବିଶିଷ୍ଟ କମ୍ପାନୀ ଅଟେ, ଯାହା ବିଭିନ୍ନ ପ୍ରକାରର ବ୍ୟବସାୟ ଯଥା- ଏନର୍ଜି,ସିପିଙ୍ଗ୍ ଓ ଲଜିଷ୍ଟିକ୍ସ, ହସ୍ପିଟାଲିଟି ଓ ରିୟାଲିଟି, ମିଡିଆ, ଇପିସି, ଏଜୁକେସନ୍ ଓ ଏଗ୍ରୋ ବିଜ୍‌ନେସ୍ କ୍ଷେତ୍ରରେ ମଧ୍ୟ ବ୍ୟବସାୟ ଚଳାଇଛି ।

ଅଧିକ ବିବରଣୀ ପାଇଁ ଯୋଗାଯୋଗ-

**S Tel Pvt Ltd**

Manisha Gakhar +919650590812 manisha.gakhar@stel.in

**Corporate Voice Weber Shandwick**

Nitin Yadav +91 9811278920 nitin@corvoshandwick.co.in